# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**02nd January - 2025**

**************************************

## ମୁଖ୍ୟ ସମ୍ବାଦ

- ସ୍ୱାଧୀନତା ସଂଗ୍ରାମୀଙ୍କ ଭତ୍ତା ବୃଦ୍ଧି ଘୋଷଣା କଲେ ରାଜ୍ୟ ସରକାର ।

- ନବନିଯୁକ୍ତ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପତି ଆଜି ପୁରୀରେ ଶ୍ରୀଜିଉଙ୍କ କଲେ ଦର୍ଶନ ।

— ଆସନ୍ତାକାଲି ପୂର୍ବାହ୍ନରେ ରାଜ୍ୟପାଳ ଭାବେ ନେବେ ଶପଥ ।

- ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଗଲା ଜାତୀୟ କ୍ରୀଡ଼ା ପୁରସ୍କାର-୨୦୨୪; ୪ ଜଣ ଖେଳରତ୍ନପାଇଁ ମନୋନୀତ ।

ଏବଂ

- ଆସନ୍ତାକାଲି ବରଗଡ଼ରେ ଆରମ୍ଭ ହେବ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ।

***BBSR/R***

# ସଂଗ୍ରାମୀ ଭତ୍ତା ବୃଦ୍ଧି

ରାଜ୍ୟ ସରକାର ଆଜି ସ୍ୱାଧୀନତା ସଂଗ୍ରାମୀଙ୍କ ଭତ୍ତା ବୃଦ୍ଧି ନେଇ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଧୀନତା ସଂଗ୍ରାମୀ ଦିବସ ସମାରୋହରେ କହିଛନ୍ତି, ବନ୍ଦୀ ଜୀବନ ବିତେଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଭତ୍ତା ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

***Voice :.............***

***Desk, Puri/R***

# ରାଜ୍ୟପାଳ

ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିବା ସହ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଛି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ

ଉପସ୍ଥିତ ଥିଲେ । ଏହାପରେ ଶ୍ରୀ କମ୍ଭମପତି ପୁରୀ ଗସ୍ତରେ ଯାଇ ଶ୍ରୀଜିଉଙ୍କ ଦର୍ଶନ କରିଛନ୍ତି । ଶ୍ରୀ କମ୍ଭମପତି ଆଜି ରାଜଭବନରେ ରାତ୍ରିଯାପନ କରିବେ। ଆସନ୍ତାକାଲି ପୂର୍ବାହ୍ନ ୧୦ଟା ୧୫ ମିନିଟରେ ରାଜଭବନର ନ୍ୟୁ ଅଭିଷେକ ହଲ୍‌ରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ଶପଥ ଗ୍ରହଣ ସମାରୋହରେ ଡକ୍ଟର କମ୍ଭମପତି ରାଜ୍ୟପାଳଭାବେ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିବେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ରାଜ୍ୟପାଳଙ୍କୁ ଶପଥ ପାଠ କରାଇବେ।

***Desk***

# ରତ୍ନଭଣ୍ଡାର ମରାମତି

ପୁରୀ ଶ୍ରୀମନ୍ଦିରର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆସନ୍ତାକାଲିଠାରୁ ପୁଣି ଆରମ୍ଭ ହେବ । ବଡ଼ଦିନ ଏବଂ ଇଂରାଜୀ ନବବର୍ଷରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ମରାମତି କାର୍ଯ୍ୟ ସ୍ଥଗିତ ରହିଥିଲା । ଆସନ୍ତାକାଲି ଦ୍ୱିତୀୟ ଭୋଗମଣ୍ଡପ ପରେ ମରାମତି କାର୍ଯ୍ୟ ଆରମ୍ଭ କରାଯାଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ସୂଚନାଯୋଗ୍ୟ, ଏ.ଏସ୍.ଆଇ. ପକ୍ଷରୁ ଗତ ୧୭ ତାରିଖରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି ।

***IPR***

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ସୋମବାର ଦିନ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଭୁବନେଶ୍ୱରସ୍ଥିତ ୟୁନି-୫ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

# ଗୋଶାଳା ନିର୍ମାଣ

ଅସହାୟ ବୁଲା ଗାଈଗୋରୁଙ୍କ ଥଇଥାନ ପାଇଁ ରାଜ୍ୟ ସରକାର ଗୋଶାଳା ନିର୍ମାଣ କରିବେ । ରାଜ୍ୟ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆଜି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଗୋଶାଳା ନିର୍ମାଣ ପାଇଁ ସରକାର ଆର୍ଥିକ ସହାୟତା ଯୋଗାଇଦେବେ । ଆଗ୍ରହୀ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ଗୋଶାଳାର ଭିତ୍ତିଭୂମି ବିକାଶ ନିମନ୍ତେ ୫୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବେ । ସେହିପରି ବୁଲା ଗାଈଗୋରୁଙ୍କ ଭରଣପୋଷଣ ନିମନ୍ତେ ବାର୍ଷିକ ୨୦ ହଜାର ଟଙ୍କା ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ।

***Kalahandi/R***

# ଡି.ଏ.ପି. ସାର

କୃଷକମାନଙ୍କୁ ସୁଲଭ ମୂଲ୍ୟରେ ଡି.ଏ.ପି. ସାର ଯୋଗାଇ ଦେବାଲାଗି କେନ୍ଦ୍ରସରକାର ଏକକାଳୀନ ସ୍ୱତନ୍ତ୍ର ରିହାତି ପ୍ୟାକେଜ୍‌କୁ ସମ୍ପ୍ରସାରଣ କରିଛନ୍ତି । ଏମ୍‌ବିଏସ୍ ସବ୍‌ସିଡି ଅତିରିକ୍ତ ଡି.ଏ.ପି. ଉପରେ ୩ ହଜାର ୫୦୦ ଟଙ୍କାର ରିହାତି ଅନ୍ୟାଦେଶ ପର୍ଯ୍ୟନ୍ତ ଲାଗୁ ରହିବ । କେନ୍ଦ୍ର ସାର ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଏହି ଯୋଜନାର ସମ୍ପ୍ରସାରଣ ଯୋଗୁଁ କେନ୍ଦ୍ର ସରକାର ୩ହଜାର ୮୫୦ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ବହନ କରିବେ । ସୁଚନା ଅନୁଯାୟୀ କୃଷକମାନେ ୫୦ କିଲୋଗ୍ରାମ ବ୍ୟାଗ୍ ପିଛା ୧ ହଜାର ୩୫୦ ଟଙ୍କାରେ ଡି.ଏ.ପି. ସାର ପାଇବା ଜାରି ରହିବ । ଏନେଇ କଳାହାଣ୍ଡିର ଚାଷୀ ପଦ୍ମନ୍ ମାଝି ଆକାଶବାଣୀକୁ କହିଛନ୍ତି :

***Voice*** :..........

***Desk***

# ଖେଳରତ୍ନ ପୁରସ୍କାର

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆଜି ଜାତୀୟ କ୍ରୀଡ଼ା ପୁରସ୍କାର-୨୦୨୪ ଘୋଷଣା କରାଯାଇଛି । ୪ ଜଣ ଖେଳାଳୀଙ୍କୁ ଖେଳରତ୍ନ

ପୁରସ୍କାର ପାଇଁ ମନୋନୀତ କରାଯାଇଛି । ବନ୍ଧୁକଚାଳନାରେ ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ମନୁ ଭାକର, ହକି ଖେଳାଳି ହର୍ମନପ୍ରୀତି ସିଂହ, ପାରା ଅଲିମ୍ପିଆଡ଼ ପ୍ରବୀନ କୁମାର ଏବଂ ଚେସ୍ ଚାମ୍ପିୟନ୍ ଗୁକେଶ ଡି.ଙ୍କ ନାମ ଖେଳରତ୍ନ ପୁରସ୍କାର ପାଇଁ ଘୋଷଣା କରାଯାଇଛି ।

ସେହିପରି ଅର୍ଜୁନ ପୁରସ୍କାରପାଇଁ ୩୨ ଜଣ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି । ଆସନ୍ତା ୧୭ ତାରିଖରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ପ୍ରଦାନ କରିବେ ।

***Gajapati, Deogarh, Sambalpur, Keonjhar/R***

## ସଡ଼କ ସୁରକ୍ଷା ସପ୍ତାହ

ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଚେତନତା ରଥକୁ ଜିଲ୍ଲାପାଳ ଶୁଭାରମ୍ଭ କରିଛନ୍ତି । ଏହି ରଥ ଜିଲ୍ଲାର ପ୍ରତ୍ୟେକ ସ୍ଥାନରେ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଇବ । ଏଥିସହ ହେଲ୍‌ମେଟ୍ ବ୍ୟବହାର କରିବା, ଟ୍ରାଫିକ୍ ନିୟମ ମାନିବା, ସିଟ୍‌ବେଲ୍‌ଟ ବ୍ୟବହାର ଆଦି ବିଭିନ୍ନ ନିୟମ ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରଦାନ କରାଯିବ ।

ସେହିପରି ଦେବଗଡ଼ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ରଥକୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ

ଶୁଭାରମ୍ଭ କରିଛନ୍ତି । ଏହି ରଥ ସହର ଓ ବ୍ଲକ୍‌ର ବିଭିନ୍ନ ସ୍ଥାନ ପରିକ୍ରମା କରି ସଡ଼କ ସୁରକ୍ଷା ସମ୍ପର୍କରେ ଲୋକମାନଙ୍କୁ ସଚେତନର ବାର୍ତ୍ତା ପ୍ରଦାନ କରିବ ।

ସମ୍ବଲପୁର ଜିଲ୍ଲାରେ ସଡ଼କ ସୁରକ୍ଷା ସଚେତନତା ରଥକୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଯମରାଜ ଓ ଚିତ୍ରଗୁପ୍ତ ବେଶରେ ସଜ୍ଜିତ ହୋଇ କଳାକାରମାନେ ଲୋକଙ୍କୁ ସଡ଼କ ସୁରକ୍ଷା ନିୟମାବଳୀ ସମ୍ପର୍କରେ ସଚେତନ କରାଉଛନ୍ତି ।

କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା ରଥ ଜିଲ୍ଲାର ବିଭିନ୍ନ ବ୍ଲକ୍‌କୁ ଯାଇ ଲୋକମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ବିଭିନ୍ନ ବାର୍ତ୍ତା ପ୍ରଦାନ କରିବ ।

***Dhenkanal, Gajapati, Sambalpur, Koraput, Deogarh, Kendrapara/R***

## ପାଣି ପଞ୍ଚାୟତ

ଢେଙ୍କାନାଳ ଜିଲ୍ଲା ଜଳସମ୍ପଦ ବିଭାଗ ପକ୍ଷରୁ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ପୌରପାଳିକାର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଜଳ ପରିଚାଳନାରେ କୃଷକ ବନ୍ଧୁମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ ।

ଅନ୍ୟପକ୍ଷରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲାପାଳ ବିଜୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳର ସଂରକ୍ଷଣ, ସୁବିନିଯୋଗ ଓ ସୁପରିଚାଳନା କରିବାପାଇଁ ପାଣିପଞ୍ଚାୟତ ପ୍ରତିନିଧିମାନଙ୍କୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ।

ସମ୍ବଲପୁର ଜିଲ୍ଲା ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ ଅବସରରେ ଡି.ଆର୍.ଡି.ଏ.ର ମୁଖ୍ୟ ପ୍ରକଳ୍ପ ଅଧିକାରୀ ପ୍ରସନ୍ନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଜୟ ନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳର ସୁବିନିଯୋଗ ତଥା ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ ।

ରାଜ୍ୟର କୋରାପୁଟ, ଦେବଗଡ଼ ଜିଲ୍ଲାରେ ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ କରାଯାଇଥିବା ଖବର ଆମର ହସ୍ତଗତ ହୋଇଛି ।

***Baragarh/R***

# ଧନୁଯାତ୍ରା

ବରଗଡ଼ର ବିଶ୍ୱପ୍ରସିଦ୍ଧ ୭୭ତମ ଧନୁଯାତ୍ରା ମହୋତ୍ସବ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏଥିପାଇଁ ବରଗଡ଼ ସହର ଚଳଚଞ୍ଚଳ ହୋଇଉଠିଛି । ହାଟପଦାଠାରେ ରାଜଦରବାର ନିର୍ମାଣ ହୋଇଥିବାବେଳେ ନିଶାମଣି ସ୍କୁଲ୍‌ପଡ଼ିଆରେ ଭବ୍ୟ ରଙ୍ଗମହଲ ତିଆରି ହୋଇଛି । ବରଗଡ଼ ସହର ପ୍ରବେଶପଥରେ ନିର୍ମିତ ଏକ ସ୍ଥାୟୀ ତୋରଣକୁ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ

ଉଦ୍‌ଘାଟନ କରିଛନ୍ତି । ୧୧ ଦିନ ପାଇଁ ବରଗଡ଼ ସହର' ମଥୁରା ଏବଂ ଅମ୍ବାପଲ୍ଲି' ଗୋପପୁରର ମାନ୍ୟତା ପାଇବ । ମଥୁରାରେ କଂସର ରାଜୁତି ଏବଂ ଗୋପପୁରରେ କୃଷ୍ଣବଳରାମଙ୍କ ବାଲ୍ୟଲୀଳା ଅଭିନୀତ ହେବ । କଳାକାରମାନେ ସମସ୍ତ ଅଭ୍ୟାସ ଶେଷ କରିଥିବାବେଳେ ଚଳିତ ଥର କଂସର ଭୂମିକାରେ ଭୁବନେଶ୍ୱର ପ୍ରଧାନ ଅଭିନୟ କରୁଛନ୍ତି ।

***Sambalpur/R***

# ଲୋକ ମହୋତ୍ସବ

ସମ୍ବଲପୁର ଲୋକ ମହୋତ୍ସବ-୨୦୨୫ ଆସନ୍ତା ଶନିବାରଠାରୁ ଆରମ୍ଭ ହେବ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଲୋକ ମହୋତ୍ସବରେ ଲୋକକଳା, ଲୋକସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ ।

ଏଥିସହ ଆସନ୍ତା ମଙ୍ଗଳବାର ଓ ବୁଧବାର ଅନୁଷ୍ଠିତ ହେବାକୁ ଥିବା ଯୁବ ମହୋତ୍ସବରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ଚଳଚ୍ଚିତ୍ର କଳାକାର ଯୋଗଦେବାର କାର୍ଯ୍ୟସୂଚୀ ରହିଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

*Desk*

# ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଆଜି ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗ ପ୍ରତିଯୋଗିତାରେ ସୁର୍‌ମା ହକି କ୍ଲବ ଏବଂ ୟୁପି ରୁଦ୍ରାସ ମଧ୍ୟରେ ସନ୍ଧ୍ୟା ୮ଟା ୧୫ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ । ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲି ସଂଧ୍ୟାରେ ଆୟୋଜିତ ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ସ ୨-୧ ଗୋଲ୍‌ରେ ଟିମ୍ ଗୋନାସିକାକୁ ପରାସ୍ତ କରିଛି ।

*****